# Union Minister Dr. Jitendra Singh releases India’s Arctic Policy in New Delhi today

March 17, 2022

## କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଆଜି ନୂଆଦିଲ୍ଲୀରେ ଭାରତର ଆର୍କଟିକ୍ ନୀତି ଜାରି କରିଛନ୍ତି

ମାର୍ଚ୍ଚ 17, 2022

**ଭାରତର ଆର୍କଟିକ୍ ନୀତି ଭବିଷ୍ୟତ ପାଇଁ ଦେଶକୁ ପ୍ରସ୍ତୁତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଯେଉଁଠି ଜଳବାୟୁ ପରିବର୍ତ୍ତନ ପରି ମାନବଜାତିର ସବୁଠୁ ବଡ ଆହ୍ୱାନଗୁଡିକର ସାମୂହିକ ଇଚ୍ଛାଶକ୍ତି ଓ ପ୍ରୟାସ ଦ୍ୱାରା ସମାଧାନ ହୋଇପାରିବ ବୋଲି ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି**

**ଭାରତର ଆର୍କଟିକ୍ ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ଏକାଡେମୀ, ଅନୁସନ୍ଧାନକାରୀ ସମୁଦାୟ, ବ୍ୟବସାୟ ଏବଂ ଶିଳ୍ପ ସମେତ ଏକାଧିକ ହିତାଧିକାରୀ ସାମିଲ ହେବେ**

**ଆର୍କଟିକ୍ ଅଞ୍ଚଳରେ ଭାରତର ନିରନ୍ତର ତଥା ବହୁମୁଖୀ ଯୋଗଦାନ ରହିଆସିଛି ଏବଂ ଏହା କହିଆସୁଛି ଯେ ସମସ୍ତ ମାନବ କାର୍ଯ୍ୟକଳାପ ସ୍ଥାୟୀ, ଦାୟିତ୍ୱପୂର୍ଣ୍ଣ, ପାରଦର୍ଶୀ ଏବଂ ଆନ୍ତର୍ଜାତୀୟ ଆଇନ ପ୍ରତି ସମ୍ମାନ ଉପରେ ଆଧାରିତ ହେବା ଉଚିତ୍**

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କେନ୍ଦ୍ର ମନ୍ତ୍ରୀ (ସ୍ୱତନ୍ତ୍ର ଦାୟିତ୍ୱ); ଭୂବିଜ୍ଞାନ ରାଷ୍ଟ୍ରମନ୍ତ୍ରୀ (ସ୍ୱତନ୍ତ୍ର ଦାୟିତ୍ୱ); ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କର୍ମଚାରୀ, ଜନସାଧାରଣଙ୍କ ଅଭିଯୋଗ, ପେନ୍ସନ୍, ପରମାଣୁ ଶକ୍ତି ଏବଂ ମହାକାଶ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଆଜି ନୂଆଦିଲ୍ଲୀରେ ଭୂବିଜ୍ଞାନ ମନ୍ତ୍ରଣାଳୟ ତରଫରୁ 'ଭାରତ ଏବଂ ଆର୍କଟିକ୍: ନିରନ୍ତର ବିକାଶ ପାଇଁ ସହଭାଗିତା ବିକାଶ’ ନାମକ ଭାରତର ଆର୍କଟିକ୍ ନୀତି ଜାରି କରିଛନ୍ତି।

ଭାରତର ଆର୍କଟିକ୍ ନୀତିର ମହତ୍ତ୍ୱକୁ ଗୁରୁତ୍ୱ ଦେଇ ଡକ୍ଟର ଜିତେନ୍ଦ୍ର ସିଂହ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଗର୍ବର ସହିତ ଆର୍କଟିକ୍ ଅଞ୍ଚଳର ବିଭିନ୍ନ ଦିଗରେ କାର୍ଯ୍ୟ କରୁଥିବା ଦେଶମାନଙ୍କର ଏକ ଉଚ୍ଚସ୍ତରୀୟ ଦଳରେ ଯୋଗଦେବାକୁ ଆଗେଇ ଆସିଛି।

ଆର୍କଟିକ୍ ଅଞ୍ଚଳର ଅଧ୍ୟୟନ କରୁଥିବା ଭାରତୀୟ ବୈଜ୍ଞାନିକମାନଙ୍କ ଉଦ୍ୟମକୁ ପ୍ରଶଂସା କରି ଡକ୍ଟର ସିଂହ କହିଥିଲେ ଯେ ଭବିଷ୍ୟତ ପାଇଁ ଦେଶକୁ ପ୍ରସ୍ତୁତ କରିବାରେ ଭାରତର ଆର୍କଟିକ୍ ନୀତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଯେଉଁଠାରେ ଜଳବାୟୁ ପରିବର୍ତ୍ତନ ଭଳି ମାନବଜାତିର ସବୁଠୁ ବଡ ଆହ୍ୱାନକୁ ସାମୂହିକ ଇଚ୍ଛାଶକ୍ତି ଓ ପ୍ରୟାସ ମାଧ୍ୟମରେ ସମାଧାନ କରାଯାଇପାରିବ। ଭାରତର ଆର୍କଟିକ୍ ନୀତି ଏକ କାର୍ଯ୍ୟ ଯୋଜନା ଏବଂ ଆନ୍ତଃମନ୍ତ୍ରୀ ସଶକ୍ତିକୃତ ଆର୍କଟିକ୍ ପଲିସି ଗ୍ରୁପକୁ ନେଇ ଏକ ପ୍ରଭାବୀ ଶାସନ ଓ ସମୀକ୍ଷା ମେକାନିଜିମ ମାଧ୍ୟମରେ କାର୍ଯ୍ୟକାରୀ ହେବ। ଭାରତର ଆର୍କଟିକ୍ ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ଏକାଡେମୀ, ଅନୁସନ୍ଧାନକାରୀ ସମୁଦାୟ, ବ୍ୟବସାୟ ଏବଂ ଶିଳ୍ପ ସମେତ ଏକାଧିକ ହିତାଧିକାରୀ ସାମିଲ ହେବେ।

ମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଆର୍କଟିକ୍ ଅଞ୍ଚଳ ସହିତ ଭାରତର ଯୋଗଦାନ ଏକ ଶତାବ୍ଦୀ ପୂର୍ବରୁ ଆରମ୍ଭ ହୋଇଥିଲା ଯେତେବେଳେ ଫେବୃଆରୀ 1920 ରେ ପ୍ୟାରିସରେ ‘ସ୍ୱାଲବାର୍ଡ ଚୁକ୍ତିନାମା’ ସ୍ୱାକ୍ଷରିତ ହୋଇଥିଲା ଏବଂ ଆଜି ଭାରତ ଆର୍କଟିକ୍ ଅଞ୍ଚଳରେ ଅନେକ ବୈଜ୍ଞାନିକ ଅଧ୍ୟୟନ ଓ ଅନୁସନ୍ଧାନ କରୁଛି। ସେ କହିଥିଲେ ଯେ ଭାରତୀୟ ଅନୁସନ୍ଧାନକାରୀମାନେ ଆର୍କଟିକ୍ ଗ୍ଲାସିୟରର ସାମୁହିକ ସନ୍ତୁଳନ

ଉପରେ ନଜର ରଖିଛନ୍ତି ଏବଂ ହିମାଳୟ ଅଞ୍ଚଳରେ ଥିବା ଗ୍ଲାସିୟର ସହିତ ଏହାକୁ ତୁଳନା କରୁଛନ୍ତି। ଆର୍କଟିକ୍ ମହାସାଗରୀୟ ବିଜ୍ଞାନ, ବାୟୁମଣ୍ଡଳ, ପ୍ରଦୂଷଣ ଏବଂ ମାଇକ୍ରୋବାୟୋଲୋଜି ସମ୍ବନ୍ଧୀୟ ଅଧ୍ୟୟନରେ ମଧ୍ୟ ଭାରତ ସକ୍ରିୟ ଭାବେ ଜଡ଼ିତ ଅଛି। ପଚିଶରୁ ଅଧିକ ସଂସ୍ଥାନ ଏବଂ ବିଶ୍ୱବିଦ୍ୟାଳୟ ସମ୍ପ୍ରତି ଭାରତରେ ଆର୍କଟିକ୍ ଅନୁସନ୍ଧାନରେ ଜଡିତ। 2007 ଠାରୁ ଆର୍କଟିକ୍ ପ୍ରସଙ୍ଗରେ ପ୍ରାୟ ଶହେ ପିୟର ସମୀକ୍ଷା ହୋଇଥିବା ଅନୁସନ୍ଧାନ ପେପର ପ୍ରକାଶିତ ହୋଇଛି। ଆର୍କଟିକ୍ ପରିଷଦରେ ତେରଟି (13) ରାଷ୍ଟ୍ର ପର୍ଯ୍ୟବେକ୍ଷକ ଅଟନ୍ତି ଏବଂ ଏଗୁଡିକ ହେଉଛନ୍ତି ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ, ନେଦରଲ୍ୟାଣ୍ଡ, ଚୀନ, ପୋଲାଣ୍ଡ, ଭାରତ, ଦକ୍ଷିଣ କୋରିଆ, ସ୍ପେନ, ସୁଇଜରଲ୍ୟାଣ୍ଡ ଏବଂ ବ୍ରିଟେନ। 2014 ଏବଂ 2016 ରେ କଙ୍ଗସଫଜୋର୍ଡେନରେ ଭାରତର ପ୍ରଥମ ମଲ୍ଟି-ସେନ୍ସର ମୁଅର୍ଡ୍ ଅବଜରଭେଟୋରୀ ଏବଂ ନାଇ ଆଲେସୁଣ୍ଡର ଗ୍ରୁଭେବାଡେଟଠାରେ ଉତ୍ତରତମ ବାୟୁମଣ୍ଡଳୀୟ ଲାବୋରେଟୋରୀ ଆର୍କଟିକ୍ ଅଞ୍ଚଳରେ ଆରମ୍ଭ କରାଯାଇଥିଲା। 2022 ପର୍ଯ୍ୟନ୍ତ ଆର୍କଟିକ୍ ଅଞ୍ଚଳରେ ଭାରତ ସଫଳତାର ସହିତ ତେରଟି ଅଭିଯାନ ଚଳାଇସାରିଛି।

'ଭାରତ ଏବଂ ଆର୍କଟିକ୍: ନିରନ୍ତର ବିକାଶ ପାଇଁ ସହଭାଗିତା ବିକାଶ' ଶୀର୍ଷକ ଭାରତର ଆର୍କଟିକ୍ ନୀତି ଛଅଟି ସ୍ତମ୍ଭ ନିର୍ଧାରିତ କରିଛି: ଭାରତର ବୈଜ୍ଞାନିକ ଅନୁସନ୍ଧାନ ଓ ସହଯୋଗ, ଜଳବାୟୁ ଓ ପରିବେଶ ସୁରକ୍ଷା, ଅର୍ଥନୈତିକ ଓ ମାନବ ବିକାଶ, ପରିବହନ ଓ ସଂଯୋଗୀକରଣ, ଶାସନ ଓ ଆନ୍ତର୍ଜାତୀୟ ସହଯୋଗକୁ ସୁଦୃଢ କରିବା ଏବଂ ଆର୍କଟିକ୍ ଅଞ୍ଚଳରେ ଜାତୀୟ ଦକ୍ଷତା ବୃଦ୍ଧି କରିବା। ଭାରତର ଆର୍କଟିକ୍ ନୀତି କାର୍ଯ୍ୟକାରୀ କରିବାରେ ଏକାଡେମୀ, ଅନୁସନ୍ଧାନକାରୀ ସମୁଦାୟ, ବ୍ୟବସାୟ ଏବଂ ଶିଳ୍ପ ସମେତ ଏକାଧିକ ହିତାଧିକାରୀ ସାମିଲ ହେବେ।

ଆର୍କଟିକ ଅଞ୍ଚଳରେ ଭାରତର ମହତ୍ୱପୂର୍ଣ୍ଣ ସ୍ୱାର୍ଥ ଜଡିତ ରହିଛି। ଆର୍କଟିକ୍ ପରିଷଦରେ ପର୍ଯ୍ୟବେକ୍ଷକ ଭାବରେ ମାନ୍ୟତା ପାଇଥିବା ତେରଟି ଦେଶ ମଧ୍ୟରୁ ଭାରତ ଅନ୍ୟତମ। ଆର୍କଟିକ୍ ପରିଷଦ ହେଉଛି ଏକ ଉଚ୍ଚସ୍ତରୀୟ ଆନ୍ତଃରାଷ୍ଟ୍ର ଫୋରମ ଯାହା ଆର୍କଟିକ୍ ସରକାର ଏବଂ ଆର୍କଟିକ ଅଞ୍ଚଳର ଆଦିବାସୀମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ କରେ। ଆର୍କଟିକ୍ ଅଞ୍ଚଳରେ ଭାରତର ନିରନ୍ତର ତଥା ବହୁମୁଖୀ ଯୋଗଦାନ ରହିଆସିଛି। ଭାରତ କହିଆସୁଛି ଯେ ସମସ୍ତ ମାନବ କାର୍ଯ୍ୟକଳାପ ସ୍ଥାୟୀ, ଦାୟିତ୍ୱପୂର୍ଣ୍ଣ, ପାରଦର୍ଶୀ ଏବଂ ଆନ୍ତର୍ଜାତୀୟ ଆଇନ ପ୍ରତି ସମ୍ମାନ ଉପରେ ଆଧାରିତ ହେବା ଉଚିତ୍।

ଭାରତର ଆର୍କଟିକ୍ ନୀତି ନିମ୍ନଲିଖିତ ଏଜେଣ୍ଡାଗୁଡିକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖିଛି –

1. ବିଜ୍ଞାନ ଓ ଅନୁସନ୍ଧାନ, ଜଳବାୟୁ ଓ ପରିବେଶ ସୁରକ୍ଷା, ସାମୁଦ୍ରିକ ଓ ଆର୍କଟିକ୍ ଅଞ୍ଚଳ ସହିତ ଅର୍ଥନୈତିକ ସହଯୋଗରେ ଜାତୀୟ କ୍ଷମତା ଓ ଦକ୍ଷତାକୁ ମଜବୁତ କରିବା। ସରକାରୀ ଓ ଏକାଡେମିକ, ଅନୁସନ୍ଧାନ ଓ ବ୍ୟବସାୟ ପ୍ରତିଷ୍ଠାନଗୁଡକ ମଧ୍ୟରେ ଆନୁଷ୍ଠାନିକ ଓ ମାନବ ସମ୍ବଳ କ୍ଷମତା ମଜବୁତ ହେବ।

2. ଆର୍କଟିକ ଅଞ୍ଚଳରେ ଭାରତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆନ୍ତଃମନ୍ତ୍ରୀସ୍ତରୀୟ ସମନ୍ୱୟ ରକ୍ଷା।

3. ଭାରତର ଜଳବାୟୁ, ଅର୍ଥନୈତିକ ଏବଂ ଶକ୍ତି ସୁରକ୍ଷା ଉପରେ ଆର୍କଟିକ ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ବିଷୟରେ ଅଧିକ ବୁଝିବା।

4. ବିଶ୍ୱର ଜାହାଜ ଚଳାଚଳ ମାର୍ଗ, ଶକ୍ତି ସୁରକ୍ଷା ଏବଂ ଖଣିଜ ସମ୍ପଦର ଉପଯୋଗ ସମ୍ପର୍କିତ ଭାରତର ଆର୍ଥିକ, ସାମରିକ ଏବଂ ରଣନୀତିକ ସ୍ୱାର୍ଥ ଉପରେ ଆର୍କଟିକ ଅଞ୍ଚଳରେ ବରଫ ତରଳିବାର ପ୍ରଭାବ ଉପରେ ଉତ୍ତମ ବିଶ୍ଳେଷଣ, ଭବିଷ୍ୟବାଣୀ, ଏବଂ ସମନ୍ୱିତ ନୀତି ନିର୍ଦ୍ଧାରଣରେ ଅବଦାନ।

5. ମେରୁ ଅଞ୍ଚଳ ଏବଂ ହିମାଳୟ ମଧ୍ୟରେ ଲିଙ୍କର ଅଧ୍ୟୟନ।

6. ବୈଜ୍ଞାନିକ ଓ ପାରମ୍ପରିକ ଜ୍ଞାନରୁ ଅଭିଜ୍ଞତା ଗ୍ରହଣ କରି ଭାରତ ଏବଂ ବିଭିନ୍ନ ଆର୍କଟିକ୍ ଫୋରମ ଅଧୀନରେ ଥିବା ଆର୍କଟିକ୍ ଅଞ୍ଚଳର ଦେଶମାନଙ୍କ ମଧ୍ୟରେ ସହଯୋଗକୁ ସୁଦୃଢ କରିବା।

7. ଆର୍କଟିକ୍ ପରିଷଦରେ ଭାରତର ଯୋଗଦାନ ବୃଦ୍ଧି କରିବା ଏବଂ ଆର୍କଟିକ୍ ଅଞ୍ଚଳରେ ଥିବା ଜଟିଳ ପ୍ରଶାସନିକ ଢାଞ୍ଚା, ପ୍ରାସଙ୍ଗିକ ଆନ୍ତର୍ଜାତୀୟ ଆଇନ ଏବଂ ଏହି ଅଞ୍ଚଳର ଭୌଗଳିକ ରାଜନୀତିକୁ ଅଧିକ ବୁଝିବା।

ଭାରତର ଆର୍କଟିକ୍ ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ଏକାଡେମୀ, ଅନୁସନ୍ଧାନକାରୀ ସମୁଦାୟ, ବ୍ୟବସାୟ ଏବଂ ଶିଳ୍ପ ସମେତ ଏକାଧିକ ହିତାଧିକାରୀ ସାମିଲ ହେବେ। ଏହା ସମୟସୀମା ନିର୍ଦ୍ଧାରଣ କରିବ, କାର୍ଯ୍ୟକଳାପକୁ ପ୍ରାଥମିକତା ଦେବ ଏବଂ ଆବଶ୍ୟକୀୟ ସମ୍ବଳ ପ୍ରଦାନ କରିବ। ଭୂବିଜ୍ଞାନ ମନ୍ତ୍ରଣାଳୟ ଅଧୀନରେ ଥିବା ଗୋଆର ରାଷ୍ଟ୍ରୀୟ ମେରୁ ଓ ମହାସାଗର ଅନୁସନ୍ଧାନ କେନ୍ଦ୍ର (ଏନସିପିଓଆର) ହେଉଛି ଏକ ସ୍ୱୟଂଶାସିତ ଅନୁଷ୍ଠାନ ଯାହା ଭାରତର ମେରୁ ଅନୁସନ୍ଧାନ କାର୍ଯ୍ୟକ୍ରମ ପାଇଁ ନୋଡାଲ ଅନୁଷ୍ଠାନ। ଏହି କାର୍ଯ୍ୟକ୍ରମରେ ଆର୍କଟିକ୍ ଅଧ୍ୟୟନ ଅନ୍ତର୍ଭୁକ୍ତ।

ଭାରତର ଆର୍କଟିକ୍ ନୀତି ଭାରତ ସରକାରଙ୍କ ଭୂବିଜ୍ଞାନ ମନ୍ତ୍ରଣାଳୟର ୱେବସାଇଟ (https://www.moes.gov.in) ରେ ଉପଲବ୍ଧ।

**ନୂଆଦିଲ୍ଲୀ**

**ମାର୍ଚ୍ଚ 17, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.